# Akashvani, Sambalpur

# SAMBALPURI NEWS MORNING BULLETIN

# 8 July 2026 - 6.47- 6.52 am.

---

ରଥଯାତ୍ରା -ସମନ୍ୱୟ ବୈଠକ୍        ଆଇ ଆଣ୍ଡ୍ ପି.ଆର୍

ଆଏବା ୧୬ ତାରିଖ୍ ହେବାର୍‌କେ ଥିବା ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକେ ସୁରକ୍ଷିତ୍ ଆଉ ନିର୍ଭୁଲ୍ ଭାବେ ପରିଚାଳନା କର୍‌ବାର୍ ଲାଗି ଗଲାକାଏଲ୍ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ପୁଲିସ୍‌ର ବରିଷ୍ଠ ଅଧିକାରୀଙ୍କର୍ ସହେତେ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ, ସୀମା ସୁରକ୍ଷା ବଳ, ରେଲ୍ ସୁରକ୍ଷା ବଳ, ଭାରତୀୟ ତଟରକ୍ଷୀ ବାହିନୀର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ସୁରକ୍ଷା ରଣନୀତି ବାବ୍‌ଦେ ସମୀକ୍ଷା କରିଥିଲେ । ବୈଠକ୍‌ଥି ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ସହେତେ ଜଲ୍, ସ୍ଥଲ୍ ଆଉ ଆକାଶ୍‌ମାର୍ଗକୁ ନଜର୍ ରଖିବାର୍, ନିୟନ୍ତ୍ରଣ୍, ଟ୍ରାଫିକ୍ ପରିଚାଳନା

ଆଉ ଜରୁରୀକାଳୀନ ପରିସ୍ଥିତିର୍ ମୁକାବିଲା ବାବ୍‌ଦେ ସମୀକ୍ଷା କରାଯାଇଥିଲା ।

ରାଜ୍ୟପାଲ୍ ଆଇ ଆଣ୍ଡ୍ ପି.ଆର୍

ସାରା ପୁର୍‌ଥି ନ ସଂସ୍କୃତ୍ ଭାଷାର୍ ଗୁରୁତ୍ୱ ଆଉ ଭାରତୀୟ ଜ୍ଞାନ୍ ପରମ୍ପରାଥି ତାର୍ ଅବଦାନ୍ ବାବ୍‌ଦେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ପୁରୀ ଶ୍ରୀ ଜଗନ୍ନାଥ୍ ସଂସ୍କୃତ୍ ବିଶ୍ୱବିଦ୍ୟାଲୟର୍ ୪୬ ନମ୍ବର୍ ଥାପ୍‌ନା ଦିବସ୍ ସମାରୋହଥି ଯୋଗ୍ ଦେଇକରି କୁଳାଧିପତି ଆଉ ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍ପାଟି ସଂସ୍କୃତ୍ ଭାଷା ସବୁ ଭାଷାର୍ ଜନନୀ ବଲି କହିଛନ୍ । ଇ ଅବ୍‌ସରେ ବିଶ୍ୱବିଦ୍ୟାଲୟର୍ ମୁଖପତ୍ର "ଶ୍ରୀବିହାର୍ ଭାରତୀ" ଆଉ ଗବେଷଣାତ୍ମକ ପତ୍ରିକା "ଜଗନ୍ନାଥ୍ ଜ୍ୟୋତିଃ" କେ ରାଜ୍ୟପାଲ୍ ଉନ୍ମୋଚନ୍ କରିଛନ୍ । ଭିନ୍ ଭିନ୍ ବିଭାଗ୍ ନ ଭଲ୍ ପ୍ରଦର୍ଶନ୍ କରିଥିବା ଛାତ୍ରଛାତ୍ରୀମାନ୍‌କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତି ଦିଆଯାଇଛେ ।

ରାଜସ୍ୱ ମନ୍ତ୍ରୀ          ଆଇ ଆଣ୍ଡ୍ ପି.ଆର୍

ରାଏଜେ ଜମି ଘିନାବିକା ନଗଦ୍ ବିହୀନ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଜମି ପଞ୍ଜିକରଣ୍ କାର୍ଯ୍ୟାଳୟକେ ଦଲାଲ୍‌ମୁକ୍ତ କର୍‌ବାର୍ ଲାଗି ଏନ୍ତା ନିଷ୍ପତି ନିଆଯାଇଛେ । ଅନ୍‌ଲାଇନ୍ ପଞ୍ଜିକରଣ୍ ହେବାର୍ ଲାଗି ସାଧାରଣ୍ ଲୁକ୍‌କୁ ବାର୍‌ବାର୍ କାର୍ଯ୍ୟାଳୟକେ ଆସ୍‌ବାର୍‌କେ ନାଇଁପଡ଼େ । ପଞ୍ଜିକରଣ୍ ଉତ୍‌ରୁ ଦଲିଲ୍ ଭିଲ୍ ଅନ୍‌ଲାଇନ୍‌ଥି ମିଲ୍‌ବା । ଇ ବାବ୍‌ଦେ ରାଜସ୍ୱ ବିଭାଗ୍ ତର୍‌ଫୁ ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଜାରି କରାଯିବା ବଲି ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଭୁବ୍‌ନେଶ୍ୱର୍ ନ ନୂଆଁ ରାଜସ୍ୱ ଭବନ୍ ତିଆର୍ ହେବା । ୧୦ ତାଲା କୁଠା ତିଆର୍ କରାଯିବାର୍ ସହେତେ ଇଥିର୍‌ଲାଗି ୬ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଗୁଟେ ଭବନ୍ ନ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ଆଉ ଓଡ୍ରାଫ୍ ବାଗିର୍ ସବୁ ବିଭାଗ୍ କାମ୍ କର୍‌ବା ବଲି ମନ୍ତ୍ରୀ କହିଛନ୍ ।

ଇସ୍ପାତ୍ ଦର          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସିମେଂଟ୍ ଆଉ ଇସ୍ପାତ୍‌ର ଦାମ୍ ଧାରିଜ୍ ବାବଦ୍ ନୂଆଁ ମାର୍ଗଦର୍ଶିକା ବାହାର୍ କରାଯାଇଛେ । ଏତ୍‌କର୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କମିଟି ଇ ଦାମ୍ ଧାରିଜ୍ କର୍‌ବା । ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ଅଧୀନ୍‌ଥି କାର୍ଯ୍ୟକାରୀ ହେଉଥିବା ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ମାନ୍‌କେ ବେଭାର୍ ହେବାର୍‌କେ ଥିବା ସିମେଂଟ୍ ଆଉ ଇସ୍ପାତ୍‌ର ଦାମ୍ ଧାରିଜ୍ ଲାଗି ଗୁଟେ ବ୍ୟବସ୍ଥା ଲାଗୁ କରାଯିବାର୍ ଲକ୍ଷ୍ୟ ଥି ଇ ପଦକ୍ଷେପ୍ ନିଆଯାଇଛେ । ଫି' ୩ ମାସେ ଇ କମିଟି ବସିକରି ସିମେଂଟ୍ ଆଉ ଇସ୍ପାତ୍‌ର ଦାମ୍ ଚୂଡ଼ାନ୍ତ କର୍‌ବେ ବଲି ମାର୍ଗଦର୍ଶିକାଥି କୁହାଯାଇଛେ ।

ଏକ୍ସପ୍ରେସ୍ ଟ୍ରେନ୍          ପି.ଆଇ.ବି.

ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ଆଏବା ୧୧ ତାରିଖ୍‌ନୁ ପୁରୀନୁ ଚାଲ୍‌ବା କୋରାପୁଟ୍‌ନୁ ଇ ଟ୍ରେନ୍ ଆଏବା ୧୨ ତାରିଖ୍‌ନୁ ଚାଲ୍‌ବା ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହପ୍ତାକ ୩ ଦିନ୍ ଚାଲ୍‌ବାର୍‌କେ ଥିବା ଇ ଟ୍ରେନ୍ ପୁରୀନୁ ଫି' ସୋମ୍‌ବାର୍, ଗୁରୁବାର୍ ଆଉ ଶନିବାର୍ ଆଉ କୋରାପୁଟ୍‌ନୁ ପୁରୀକେ ଫି ମଙ୍ଗଲ୍‌ବାର୍, ଶୁକ୍ରବାର୍ ଆଉ ରଏବାର୍ ଦିନ ଚାଲ୍‌ବା ।

ରାଜସ୍ୱ ସମୀକ୍ଷା ବୈଠକ ହି.ସ

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ସୁଶାସନ୍‌କେ ସବୁନୁ ଅଏତ୍‌କା ପ୍ରାଥମିକତା ଦେବାର୍ ସହେତେ ତହସିଲ୍ କାର୍ଯ୍ୟାଳୟ ନ ଲୁକ୍‌କୁ ସହଜ୍, ସ୍ୱଚ୍ଛ ଆଉ ଠିକ୍ ସମିଆଥି ସେବା ଯୁଗେଇ ଦେବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଇତାର୍‌ସହେତେ ହପ୍ତାକ ଅତି କମ୍‌ଥି ୨ ଟା ତହସିଲ୍ କାର୍ଯ୍ୟାଳୟ

ପରିଦର୍ଶନ୍ କରିକରି ସେବା ବ୍ୟବସ୍ଥା ତଦାରଖ୍ କର୍‌ବାର୍‌କେ ଉପ ଜିଲ୍ଲାପାଲ୍‌ଙ୍କୁ ସେ ନିର୍ଦ୍ଦେଶ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ     ହି.ସ.

ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ୍ ୨୦୨୬-୨୭ ଲାଗି ବିଜ୍ଞପ୍ତି ବାହାରିଛେ । ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ରାଜ୍ୟର୍ ସର୍‌କାରୀ ବିଶ୍ୱବିଦ୍ୟାଳୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଅଲ୍‌ଗା ବିଭାଗ୍‌ଥି ପିଏଚ୍‌ଡ଼ି ପାଠ୍ୟକ୍ରମ୍‌ଥି ପଞ୍ଜିକୃତ୍ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ଥି ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଗଲାକାଏଲ୍‌ଠାନୁ ଆଏବା ୩୦ ତାରିଖ୍ ଅଧ୍‌ରାତିତକ୍ ଆବେଦନ୍ କର୍‌ବାର୍ ସମିଆ ଧାରିଜ୍ କରାଯାଇଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲଗାଏତ୍ ବର୍ଷା ଥିତି ଉତ୍‌ରୁ ଭିନ୍ ଭିନ୍ ଜାଗା ନ ବର୍ଷା ଟିକେ କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍କାନୁ ମଧମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍ସହେତେ କେନ୍ଦୁଝର୍ ଆଉ ମୟୁର୍ଭଞ୍ଜ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି କେନ୍ଦ୍ର ତର୍ଫୁ ସତର୍କ କରାଯାଇଚେ । ସେଆଡ଼େ ରାଏଜେ ବନ୍ୟା ଥିତି ନାଇଁନ ବଲି ଜଲ୍ସମ୍ପଦ୍ ବିଭାଗ୍ର ମୁଖ୍ୟଯନ୍ତ୍ରୀ ପ୍ରତାପ୍ ଚନ୍ଦ୍ର ଚୌଧୁରୀ କହିଛନ୍ । ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ବନ୍ୟା ଥିତିର୍ ସମୀକ୍ଷା କରିକରି ରାଜ୍ୟ ସର୍କାର୍ ସବୁ ପ୍ରକାରର୍ ପରିସ୍ଥିତିର୍ ମୁକାବିଲା କର୍ବାର୍କେ ପ୍ରସ୍ତୁତ୍ ଅଛନ୍ ବଲି ସୂଚ୍ନା ଦେଇଛନ୍ । ଆଏଜ୍ ସଖାଲର୍ ୬ ବଜେତକ୍ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ୬ ଶହ ୧୦ ଦଶ୍ମିକ୍ ୬/୫ ଫୁଟ୍ ରହିଛେ । ଆଏବା କାଏଲ୍ ସଖାଲ୍ବେଲା ଜଲ୍ଭଣ୍ଡାର୍ନୁ ଇ ବଛ୍ରର୍ ପହେଲା ବଏଡ୍ ପାଏନ୍ ଛଡ଼ାଯିବା ।